## ବସରୁ ରୁପା ଚୋରି ଘଟଣା, ୪ ଅଭିଯୁକ୍ତ ଗିରଫ

ଖଲ୍ଲିକୋଟ, (ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ଥାନା ଅନ୍ତର୍ଗତ ଭେଜିପୁଟ ନିକଟରେ ଖମ୍ଭେଶ୍ୱରୀ ବସରୁ ୪୦ କେଜି ରୁପା ଚୋରି ଘଟଣାରେ ମଧ୍ୟ ପ୍ରଦେଶର ୪ ଆନ୍ତଃ ରାଜ୍ୟ ଲୁଟେରା ପୋଲିସ ହାତରେ ଧରା ପଡିଛନ୍ତି। ସେମାନେ ଓଡିଶାର ବିଭିନ୍ନ ସ୍ଥାନରେ ବସ୍ ଭିତରୁ ସୁନା ଓ ରୁପା ଲୁଟ କରୁଥିଲେ। ଗତ ଜୁଲାଇ ୨୬ ତାରିଖରେ ବ୍ରହ୍ମପୁରରୁ କୋଲକାତା ଯାଉଥିବା ଖମ୍ଭେଶ୍ୱରୀ ବସରେ ଜଣେ ବଙ୍ଗୀୟ ବ୍ୟବସାୟୀ ଦୁଇଟି ବ୍ୟାଗରେ ରୁପା ନେଉଥିବା ବେଳେ ଭେଜିପୁଟ ନିକଟରେ ଲୁଟେରାମାନେ ପ୍ରାୟ ୮ କେଜିରୁ ଊର୍ଦ୍ଧ୍ୱ ରୁପା ଲୁଟ କରି ନେଇଯାଇଥିଲେ।



**ସଂକ୍ଷେପରେ**

## ନିର୍ବାଚନୀ ପରବର୍ତ୍ତୀ ହିଂସା: ଯୁବକଙ୍କୁ ଆକ୍ରମଣ

ବ୍ରହ୍ମପୁର, ୭।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ବୁରୁକୁଦିରେ ଶୁକ୍ରବାର ରାତ୍ର ନିର୍ବାଚନୀ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ଜଣେ ଯୁବକଙ୍କୁ ଗାଁମୁଣ୍ଡରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଘାତକ ଆକ୍ରମଣ ହୋଇଛି। ବୁରୁକୁଦିର ସନ୍ତୋଷ କୁମାର ବିଷୋୟୀ ଗୁରୁତର ହୋଇଛନ୍ତି। ତାଙ୍କ ସ୍ତ୍ରୀ କୁନି ବିଷୋୟୀ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୩୨/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଶୁକ୍ରବାର ରାତ୍ର କାମ ସାରି ସନ୍ତୋଷ ଘରକୁ ଫେରୁଥିଲେ। ଗାଁମୁଣ୍ଡରେ ଦୁଇଜଣ ଯୁବକ ତାଙ୍କୁ ଅଟକାଇ ଥିଲେ। ଗତ ସାଧାରଣ ନିର୍ବାଚନରେ ବର୍ତ୍ତମାନର ଶାସକ ଦଳ ପାଇଁ କାମ କରିଥିଲୁ ବୋଲି ସନ୍ତୋଷଙ୍କୁ ଧମକ ଦେବା ସହ ତାଙ୍କୁ ସେଠାରେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆହତଙ୍କ ଚିତ୍କାର ଶୁଣି ଗାଁଲୋକ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ।

## ବଜ୍ରପାତରେ ଶ୍ରମିକଙ୍କ ମୃତ୍ୟୁ

ଚିକିଟି, ୭।୯(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଗିରିଶୋଲା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ଶନିବାର ବଜ୍ରପାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗନ୍ନାଥପୁର ଗ୍ରାମର ଜୁରିଆ ପ୍ରଧାନ (୬୨)। ଅପରାହ୍ଣରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଜୁରିଆ ନିଜ ଜମିରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଅଚେତ ହୋଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜୁରିଆଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଆକ୍ରମଣକାରୀ ଯୁବକ ଗିରଫ

(ଫିରିଙ୍ଗିଆ,୭।୯ (ବିମଳ ଦିଗାଲ)

ଫିରିଙ୍ଗିଆ ଥାନା ଡ଼ିମିରିଗୁଡା ପଞ୍ଚାୟତ ଅନ୍ତର୍ଗତ ଶ୍ରୀପଲା ଗ୍ରାମରେ ଜଣେ ଯୁବକଙ୍କୁ ଅନ୍ୟଜଣେ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାର ଦୀର୍ଘ ୨୧ ଦିନ ପରେ ପୋଲିସ ସେହି ଗାଁର ଆଦିତ୍ୟ କହଁରଙ୍କୁ କୋର୍ଟ ଚାଲାଣ କରିଛି। ଗତ ୧୯ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶ୍ରୀପଲା ଗ୍ରାମର ଜଳନ୍ଧର କହଁରଙ୍କୁ ଆଦିତ୍ୟ ଏକ ଧାରୁଆ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ଜଳନ୍ଧର ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ପୋଲିସ ୧୭୬/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତରୁ ଆଦିତ୍ୟଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରାଯାଇଛି

## ଭାଜପାରେ ଯୋଗଦେଲେ ବିଜେଡି କର୍ମୀ

ଭଞ୍ଜନଗର,୭।୯(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ସାନକୋଦଣ୍ଡା ପଞ୍ଚାୟତର ଜଣେ ବିଜେଡି ସମର୍ଥିତ ୱାର୍ଡ ମେମ୍ବରଙ୍କ ସମେତ ତାଙ୍କ ସମର୍ଥକମାନେ ଶନିବାର ଭାଜପାରେ ଯୋଗ ଦେଇଛନ୍ତି। ଏନେଇ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ବାସଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ନୂତନ କର୍ମୀମାନକୁ ବିଧାୟକ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବରେ ଭାଜପାର ବରିଷ୍ଠ ନେତା ନୀଳମାଧବ ପାତ୍ର, ଧୋବା ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ୟା ଘେରରେ ପିଟଣାପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

ଖଲ୍ଲିକୋଟ, ୭।୯(ପ୍ରଶାନ୍ତ କୁମାର ମିଶ୍ର)– ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ପିଟଣାପଲ୍ଲୀ ଗ୍ରାମରେ ଥିବା ଉନ୍ନୀତ ଉଚ୍ଚବିଦ୍ୟାଳୟ ବହୁ ସମସ୍ୟା ମଧ୍ୟରେ ରହିଛି। ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବାବେଳେ ଶହେ ପିଲା ପାଠ ପଢୁଛନ୍ତି। କିନ୍ତୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଦୁଇ ଜଣ ଶିକ୍ଷକ ଅଛନ୍ତି। ଆଉ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ବସିବା ପାଇଁ ମାତ୍ର ଦୁଇଟି ଶ୍ରେଣୀ ଗୃହ ରହିଛି। କ୍ଲାସ ରୁମ୍‌ର ଦୁଇପଟେ ରହିଛି କଳାପଟା। ଖାଲି ଶ୍ରେଣୀ ଗୃହ ନୁହେଁ, ପିଲାଙ୍କୁ ପଢ଼ାଇବାକୁ ମଧ୍ୟ ସ୍କୁଲରେ ନାହାନ୍ତି ଶିକ୍ଷକ। ମାତ୍ର ଦୁଇ ଜଣ ଶିକ୍ଷକ ୮ଟି ଶ୍ରେଣୀର ଶହେ ପିଲାଙ୍କୁ ପଢ଼ାଉଛନ୍ତି। ଦୁଇଟି ଶ୍ରେଣୀ ଗୃହରୁ ଗୋଟିଏରେ ପ୍ରଥମରୁ ପଞ୍ଚମ ଓ ଅନ୍ୟଟିରେ ଷଷ୍ଠ ସପ୍ତମ ପିଲା ପଢ଼ନ୍ତି। ଗୋଟିଏ ଶ୍ରେଣୀ ଗୃହରେ ପ୍ରଥମରୁ ତୃତୀୟ ଶ୍ରେଣୀ ପିଲା ଗୋଟିଏ ପଟେ ମୁହଁ କରି ବସୁଥିବା ବେଳେ ସେହି ଶ୍ରେଣୀ ଗୃହରେ ତୃତୀୟ ଚତୁର୍ଥ ପିଲା ବିପରିତ ଦିଗରେ ମୁହଁ କରି ବସନ୍ତି। ସେହିଭଳି ଷଷ୍ଠ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ର ମଧ୍ୟ ଗୋଟିଏ ଶ୍ରେଣୀରେ ବିପରିତ ଦିଗରେ ମୁହଁ କରି ବସିଥାନ୍ତି। ଶ୍ରେଣୀ ଗୃହର ଦୁଇ ବିପରିତ କାନ୍ଥରେ ରହିଛି ଦୁଇଟି କଳା ପଟା। ଗୋଟିଏ ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାଇବା ବେଳେ ଅନ୍ୟ ଶ୍ରେଣୀ ପିଲା ଶୁଣୁଥାଆନ୍ତି। ଏଥିପାଇଁ ପାଠପଢ଼ାରେ ବହୁ ଅସୁବିଧା ହେଉଛି। ଏହି ସ୍କୁଲରେ ଆଉ ଶ୍ରେଣୀ ଗୃହ ନ ଥିବାରୁ ଅଷ୍ଟମ ପିଲାଙ୍କୁ ପାଖରେ ଥିବା ହାଇସ୍କୁଲର ଏକ ରୁମ୍‌ରେ ବସାଇ ବେଳେ ବେଳେ ପାଠ ପଢାନ୍ତି ଶିକ୍ଷକ। ଏହି ସ୍କୁଲରେ ଶ୍ରେଣୀ ଗୃହ ଓ ଶିକ୍ଷକ ସମସ୍ୟା ସହିତ ପାଇଖାନା ନାହିଁ ଓ ପିଇବା ପାଣିର ମଧ୍ୟ ସମସ୍ୟା ରହିଛି। ତେବେ ଏନେଇ ଛାତ୍ରୀଛାତ୍ରମାନେ ଶ୍ରେଣୀ ଗୃହ, ଶିକ୍ଷକ ନିଯୁକ୍ତି ଓ ପାଇଖାନା ନିର୍ମାଣ ପାଇଁ ଦାବି କରିଛନ୍ତି। ପୂର୍ବରୁ ଏହି ସ୍କୁଲରେ ଏକ ଦୁଇ ମହଲା ବିଶିଷ୍ଟ ଶ୍ରେଣୀ ଗୃହ ରହିଥିବା ବେଳେ ଏହି କୋଠାରେ ପିଲା ପାଠ ପଢୁଥିଲେ। କିନ୍ତୁ ଏହି ଦୁଇ ମହଲା ବିଶିଷ୍ଟ ଶ୍ରେଣୀ ଗୃହଟି ବହୁ ପୁରାତନ କୋଠା ଏବଂ ଅସୁରକ୍ଷିତ ହୋଇଥିବାରୁ ବ୍ୟବହାର ହେଉନାହିଁ। ଫଳରେ କେବଳ ଦୁଇଟି ଶ୍ରେଣୀ ଗୃହରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ପିଲା ପଢୁଛନ୍ତି। ତେବେ ସ୍କୁଲର ଏହିଭଳି ଅସୁବିଧା ନେଇ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ବାରମ୍ବାର ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନକୁ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ପରିଚାଳନା କମିଟି ସଦସ୍ୟ ସୁନିତା କୁମାରୀ ପ୍ରଧାନ କହିଛନ୍ତି। ନୂଆ ସରକାର ଓ ଶିକ୍ଷା ବିଭାଗ ସ୍କୁଲରେ ଶ୍ରେଣୀ ଗୃହ ନିର୍ମାଣ ସହ ଶିକ୍ଷକ ଯୋଗାଇବାକୁ ସାମାଜିକ କର୍ମୀ ପ୍ରହ୍ଲାଦ ପ୍ରଧାନଙ୍କ ସମେତ ସମସ୍ତ ଗ୍ରାମବାସୀ ଦାବି କରିଛନ୍ତି।



ପିଟଣାପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ।

# ଚୋରି ଗହଣା ବନ୍ଧକ ଦେଇ ଆଣିଥିଲେ ସାଢ଼େ ୩ ଲକ୍ଷ

ବ୍ରହ୍ମପୁର, ୭।୯(ସୁବାସ ଚନ୍ଦ୍ର ପାଢ଼ୀ)

ଘର ଭିତରୁ ସୁନା ଗହଣା ଚୋରି ମାମଲାରେ ବଡ଼ବଜାର ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ରଶ୍ମିତା ସାହୁ(୩୯)। ସେ ନିଜର ଜଣେ ପରିଚିତ ଲୋକଙ୍କ ଘରୁ ୮ଲକ୍ଷ ଟଙ୍କାର ସୁନା ଗହଣା ଓ ରୁପା ଅଳଙ୍କାର ଚୋରି କରି ନେଇଥିଲେ। ଆସିକା ରୋଡ ମୁଥୁଟ ଫାଇନାନ୍ସ କମ୍ପାନୀରେ ତାହା ବନ୍ଧକ ରଖି ସାଢ଼େ ୩ ଲକ୍ଷ ଋଣ ଆଣିଥିଲେ। ପୋଲିସ ରଶ୍ମିତାଙ୍କୁ ଉକ୍ତ ଫାଇନାନ୍ସ କମ୍ପାନୀକୁ ନେଇ ତାଙ୍କରି ବୟାନକୁ ଆଧାର କରି ସମସ୍ତ ଚୋରି ଅଳଙ୍କାର ଜବତ କରି ଶନିବାର ତାଙ୍କୁ କୋର୍ଟ ଚାଲାଣ କରିଛି। ଜବତ ଅଳଙ୍କାର ଅଭିଯୋଗକାରିଣୀ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ବାବା ଶଙ୍କର ସରାଫ କହିଛନ୍ତି। ସିପ୍ରାରାଣୀ ପଣ୍ଡା ଆସିକା ରୋଡ ଗଣପତି ନଗର ପ୍ରଥମ ଲାଇନରେ ରୁହନ୍ତି। ତାଙ୍କ ସ୍ୱାମୀ ସୁରତରେ କାମ କରନ୍ତି। ସିପ୍ରାରାଣୀ ଘରକୁ ରଶ୍ମିତା ଅଧିକାଂଶ ସମୟ ଯିବା ଆସିବା କରନ୍ତି। ଗୃହଣୀ ଜଣଙ୍କ ବାହାରକୁ କୌଣସି କାମରେ ଗଲେ ଘର ର ତାଲା ରଶ୍ମିତାଙ୍କୁ ଦେଇ ଯାଇଥାନ୍ତି। ଗତ ଅଗଷ୍ଟ ୧୦ ତାରିଖରେ ସେ ତାଙ୍କର ୧୪ ଭରି ସୁନା ଗହଣା ଓ ୨୦ ଭରି ରୁପା ଅଳଙ୍କାର ଆଲମୀରାରେ ରଖିଥିଲେ। ପରେ ସେ ଦିନକ ପାଇଁ ବାହାରକୁ ଯାଇଥିଲେ। ସେ ତାଙ୍କ ଘରର ଚାବି ରଶ୍ମିତାଙ୍କୁ ଦେଇଥିଲେ। ଅଗଷ୍ଟ ୧୦ ପରଠାରୁ ସେ ଆଲମୀରା ଖୋଲିନଥିଲେ । ଗତ ଅଗଷ୍ଟ ୨୮ ତାରିଖରେ ସେ ଆଲମୀରାରୁ କୌଣସି କାମ ପାଇଁ ଅଳଙ୍କାର ବାହାର କରିବା ବେଳେ ସେଥିରେ ଥିବା ସମସ୍ତ ଅଳଙ୍କାର ଗାଏବ ଥିଲା। ସିପ୍ରାରାଣୀ ଏନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯୧/୨୪ରେ ଏକ ମାମଲା ରୁଜୁକରିଥିଲା। ତଦନ୍ତ ବେଳେ ରଶ୍ମିତାଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିଲା। ଅଗଷ୍ଟ ୧୦ ରୁ ୨୮ ତାରିଖ ମଧ୍ୟରେ ରଶ୍ମିତାଙ୍କ ଆକାଉଣ୍ଟକୁ ଆସିଥିବା ସାଢ଼େ ୨୩ଲକ୍ଷ ଟଙ୍କା ନେଇ ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ଶେଷରେ ମହିଳା ଜଣଙ୍କ ସିପ୍ରାରାଣୀ ଘରୁ ସୁନା ଗହଣା ଓ ରୁପା ଅଳଙ୍କାର ଚୋରି କରି ଉପରୋକ୍ତ ସଂସ୍ଥାରେ ବନ୍ଧକ ରଖି ଟଙ୍କା ଆଣିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି।

**ମହିଳା ଗିରଫ,ଅଳଙ୍କାର ଜବତ**

## ଟ୍ରକ୍ ଅଟକାଇ ଲୁଟ୍ ଅଭିଯୋଗ, ଯୁବକ ଗିରଫ

ବାଲିଗୁଡା, ୭।୯(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ଅଞ୍ଚଳରେ ରାଜ ରାସ୍ତାରୁ ଏକ ଟ୍ରକ୍‌କୁ ଅଟକାଇ ଲୁଟ କରିଥିବା ଅଭିଯୋଗରେ ଶନିବାର ପୋଲିସ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ସାରଙ୍ଗଗଡ଼ ଥାନା ଅଞ୍ଚଳ ଦାସିଗୁଡ଼ାର ବସନ୍ତ ବେହେରା (୪୦)। କଟକର ରତ୍ନାକର ବେହେରା ନିଜ ଟ୍ରକ୍ (ନଂ.ଓଡି–୦୨–ଇ–୬୩୨୨)ରେ ପ୍ଲାଷ୍ଟିକ ଧରି ବାଲିଗୁଡ଼ା ଦେଇ ଢେଙ୍କାନାଳ ଯାଉଥିବା ବେଳେ ଶୁକ୍ରବାର ରାତି ପ୍ରାୟ ୯ଟାରେ ଜଣେ ଅଜଣା ବ୍ୟକ୍ତି ବାଇକ୍ (ନଂ ଓଡି–୧୨–ଏଫ–୭୦୪୮) ଯୋଗେ ପିଛା କରି କ.ନୂଆଗାଁ ଥାନା ଅଞ୍ଚଳର ପାଇବର ସାହି ନିକଟରେ ଗାଡ଼ିକୁ ଅଟକାଇଥିଲା। ପରେ ତାଙ୍କଠାରୁ ମୋବାଇଲ ଓ ପର୍ସ ଛଡାଇ ନେବା ସହ ଫୋନ୍ ପେ'କୁ ମଧ୍ୟ ପାଞ୍ଚ ହଜାର ଟଙ୍କା ପଠାଇବାକୁ ବାଧ୍ୟ କରିଥିଲା। ଏହାକୁ ନେଇ ରତ୍ନାକର କ.ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୩୬/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତ ବସନ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ତା'ଠାରୁ ବାଇକ, ମୋବାଇଲ, ପର୍ସ ଓ ନଗଦ ୫ ହଜାର ଟଙ୍କା ଜବତ କରି ଗିରଫ କରିଥିବା କ.ନୂଆଗାଁ ଥାନାଧିକାରୀ ପି.ସ୍ୱରୂପ କିଷାନ ପ୍ରକାଶ କରିଛନ୍ତି।

# ରାଇକିଆରେ ଜାତୀୟ ସେବା ଶିବିର ଉଦ୍‌ଘାଟିତ



ରାଇକିଆ, ୭।୯(ପ୍ରଦୀପ ବେହେରା)

ରାଇକିଆ ସୁଧାକିରଣ କଲେଜରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଜୀବନ ଜ୍ୟୋତି ମହାବିଦ୍ୟାଳୟର ଅଧ୍ୟାପିକା ଲିଜାରାଣୀ ଭୋଇ ଯୋଗଦେଇ ସେବା ମନୋଭାବ କିପରି ଉତ୍ତମ ବ୍ୟକ୍ତି ପାଇଁ ଦିଗ୍‌ଦର୍ଶନ ଦେଇଥାଏ ସେ ନେଇ କହିଥିଲେ। ସୁଧାକିରଣ କଲେଜ ପ୍ରିନ୍ସିପାଲ ଶଙ୍କର୍ଷଣ ସାହୁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ୟୁନିଟ ତରଫରୁ ବେରେଡ଼ାକିଆକୁ ପୋଷ୍ୟ ଗ୍ରାମ ରୂପେ ନିଆଯାଇଥିବା ବେଳେ ଏକ ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ, ଚାରା ରୋପଣ, ସ୍ୱଚ୍ଛ ଭାରତ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇଥିଲେ।

# ବାଲି ଚାଲାଣକୁ କେନ୍ଦ୍ରକରି ଉତ୍ତେଜନା

ଆସିକା,୭।୯ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର ମଙ୍ଗଳପୁର ରଷିକୁଲ୍ୟା ନଦୀ ଘାଟରୁ ଚଢ଼େୟାପଲ୍ଲୀ ପଞ୍ଚାୟତ ରାସ୍ତାରେ ଶହ ଶହ ବାଲି ବୋଝେଇ ହାଇୱା ଟ୍ରକ ଚଳାଚଳକୁ କେନ୍ଦ୍ର କରି ଚଢେୟାପଲ୍ଲୀ ପଞ୍ଚାୟତରେ ଉତ୍ତେଜନା ପ୍ରକାଶ ପାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଚଢେୟାପଲ୍ଲୀ ଚାରିଛକଠାରେ ଜନସାଧାରଣ ରାସ୍ତା ଅବରୋଧ କରି ବାଲି ଟ୍ରକକୁ ଛାଡି ନ ଥିଲେ। ଖବର ପାଇ ଆସିକା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସାମୟିକ ଭାବେ ଏବେ ଉକ୍ତ ରାସ୍ତା ବାଲି ବୋଝେଇ ଗାଡି ଚଳାଚଳକୁ ବନ୍ଦ କରାଯାଇଥିବା ଜଣାଯାଇଛି। ଆସିକା ସୁନାମ୍ବସାହିଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ଯାଇଥିବା ଏହି ଗ୍ରାମ୍ୟ ରାସ୍ତା ଅଣ ଓସାରିଆ ରହିଛି । ସଂପୃକ୍ତ ରାସ୍ତା ଉପରେ ପ୍ରାୟ ୫/୬ ଖଣ୍ଡ ଗ୍ରାମର ଗ୍ରାମବାସୀ ନିର୍ଭର କରୁଥିବା ବେଳେ ବାଲି ବୋଝେଇ ଟ୍ରକ ଚଳାଚଳ ଯୋଗୁ ପଥଚାରୀ ବିପଦରେ ପଡୁଛନ୍ତି। ଏହି ରାସ୍ତାକୁ ଚଉଡା କରିବା ଲାଗି ପୂର୍ବରୁ ପଞ୍ଚାୟତ ପକ୍ଷରୁ ଆସିକା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଅଞ୍ଚଳବାସୀ ଏଭଳି ପଦକ୍ଷେପ ନେଇଛନ୍ତି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ଶ୍ମଶାନରୁ ମୃତଦେହ ଜବତ

ଦିଗପହଣ୍ଡି,୭।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ପ୍ରେମ ନଗର ସାହିର ଛେଳି ଚରାଳି କେ.କ୍ରିଷ୍ଣାମା ପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶନିବାର ଅପରାହ୍ଣରେ ଦିଗପହଣ୍ଡି ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ କରିବା ସହ ଗାଁ ଶ୍ମଶାନରୁ କେ.କ୍ରିଷ୍ଣାମାଙ୍କ ମୃତଦେହ ଜବତ କରିଥିଲେ। ନଂ.୧୫/୨୪ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ଶୁକ୍ରବାର ସକାଳେ ସେ ଗ୍ରାମ ନିକଟସ୍ଥ ମହୁଲ ପାହାଡ଼କୁ ଛେଳି ଚରାଇବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଛେଳି ସବୁ ଗୁହାଳକୁ ଫେରି ଆସିଥିବା ବେଳେ ରାତି ସୁଦ୍ଧା ସେ ଘରକୁ ଫେରିନଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳିନଥିଲା। ଶନିବାର ସକାଳୁ କେତେଜଣ ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ଖୋଜିବା ପାଇଁ ମହୁଲ ପାହାଡ଼କୁ ଯାଇଥିଲେ। ସେଠାରେ ଏକ ଗଛ ମୂଳରୁ ତାଙ୍କର ମୃତଦେହ ମିଳିଥିଲା। ତାଙ୍କ ସ୍ତ୍ରୀ ଭାଇର ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ ଯାଇଥିଲେ। ପରେ ପରିବାର ଲୋକ ଓ ବନ୍ଧୁବାନ୍ଧବଙ୍କ ନିଷ୍ପତ୍ତି ପ୍ରକାରେ ମୃତଦେହକୁ ଶ୍ମଶାନକୁ ନିଆଯାଇଥିଲା। ଶୁକ୍ରବାର ଅପରାହ୍ଣରେ ପ୍ରବଳ ଘଡ଼ଘଡ଼ି ସହ ବର୍ଷା ହେବାରୁ କ୍ରିଷ୍ଣାମା ଗଛ ମୂଳରେ ଆଶ୍ରୟ ନେଇଥିଲେ।ସେଠାରେ ବଜ୍ରପାତ କାରଣରୁ ତାଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି। ବଜ୍ରପାତ ପ୍ରଭାବରେ ତାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇ କଳା ପଡ଼ିଯାଇଥିବା ଜଣାପଡ଼ିଛି। ଏ ନେଇ ମୃତକଙ୍କ ଭାଇ କେ.ସେନେୟା ପାତ୍ର ଥାନାରେ ଏତଲା ଦେଇଛନ୍ତି।

## ମୂର୍ତ୍ତି ବିସର୍ଜନ ପାଇଁ ବିଏମ୍‌ସିର ୪ ଅସ୍ଥାୟୀ ପୋଖରୀ



ଗୋସାଣୀ ନୂଆ ଗାଁଠାରେ ନିର୍ମିତ ଅସ୍ଥାୟୀ ପୋଖରୀ।

ବ୍ରହ୍ମପୁର,୭।୯(ସ୍ମୃତି ରଞ୍ଜନ ମହାଲିକ)

ପାର୍ବଣ ଋତୁ ଆରମ୍ଭ ହୋଇଛି। ଦେବାଦେବୀଙ୍କ ପୂଜା ବି ଆରମ୍ଭ ହୋଇଛି। ତେବେ ବିସର୍ଜନ ବେଳେ ପୋଖରୀଗୁଡିକ ଦୂଷିତ ହେବା ଲକ୍ଷ୍ୟରେ ବିଏମସି ପଦକ୍ଷେପ ନେଇଛି। ରାସାୟନିକ ରଙ୍ଗ ଦାଉରୁ ପୋଖରୀ ପାଣିର ସୁରକ୍ଷା ପାଇଁ ସହରର ୨୮ ନଂ ୱାର୍ଡ ଗାସାଣୀ ନୂଆ ଗାଁ ଗୁଡସ ରୋଡ, ୪ନଂ ୱାର୍ଡ ଆସିକା ରୋଡ, ୧୨ ନଂ ୱାର୍ଡ ମିନାକ୍ଷୀ ନଗର ଓ ୪୨ ନଂ ୱାର୍ଡ ବିବେକ ବିହାରଠାରେ ଅସ୍ଥାୟୀ ପୋଖରୀ ନିର୍ମିତ ହୋଇଛି। ଅସ୍ଥାୟୀ ପୋଖରୀରେ ଜରି ପାଲ ପକାଯାଇ ପାଣି ଭରି କରାଯାଇଛି। ପାର୍ବଣ ଋତୁ ଯାଏଁ ମୂର୍ତ୍ତି ବିସର୍ଜନ ପାଇଁ ପୋଖରୀ ଗୁଡିକ ଉପଲବ୍ଧ ରହିବ। ମୂର୍ତ୍ତି ବିସର୍ଜନ କ୍ଷେତ୍ରରେ ବିଏମସି ପକ୍ଷରୁ କର୍ମଚାରୀ ନିୟୋଜିତ କରାଯାଇଛି। କର୍ମଚାରୀମାନେ ଯେଭଳି କୌଣସି ରାସାୟନିକ ରଙ୍ଗରେ ସଂକ୍ରମଣ ନ ହେବେ ସେ ନେଇ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୂର୍ବ ବର୍ଷ ମଧ୍ୟରେ ନିଗମ ପକ୍ଷରୁ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିଲା। କିନ୍ତୁ ବହୁ ମୂର୍ତ୍ତି ସହରର ପୋଖରୀ ଗୁଡିକରେ ବିସର୍ଜନ ହୋଇଥିବା ଦେଖିବାକୁ ମିଳିଥିଲା। ଏପରିକି ମୂର୍ତ୍ତି ଗୁଡିକ ପୋଖରୀ ତୁଠ ପାର୍ଶ୍ୱରେ ଅବହେଳିତ ଭାବେ ପଡି ରହିଥିଲା। ଯାହାକି ସହରବାସୀଙ୍କ ଧାର୍ମିକ ଭାବନାକୁ କୁଠାରଘାତ କରିଥିଲା। ଏଣୁ ଅସ୍ଥାୟୀ ପୋଖରୀରେ ବିସର୍ଜନ ପ୍ରକ୍ରିୟାକୁ ଦୃଢ଼ ଭାବେ କାର୍ଯ୍ୟକାରୀ କରିବା ସହ ପୋଖରୀରେ ମୂର୍ତ୍ତି ବିସର୍ଜନକୁ ବାରଣ କରିବାପାଇଁବିଭିନ୍ନମହଲରୁଦାବିହୋଇଛି।

## ବିଏମ୍‌ସି ପକ୍ଷରୁ ସୁଭଦ୍ରା ରଥ ଉଦ୍‌ଘାଟିତ

ବ୍ରହ୍ମପୁର,୭।୯(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଶନିବାର ସୁଭଦ୍ରା ରଥର ଶୁଭାରମ୍ଭ ହୋଇଯାଇଛି। ଏହାକୁ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡି, କମିଶନର ଭବାନୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ରଥକୁ ଉଦଘାଟନ କରିଥିଲେ। ଏହି ରଥ ପ୍ରତି ୱାର୍ଡକୁ ବୁଲି ସୁଭଦ୍ରା ଯୋଜନା ସଂପର୍କରେ ସଚେତନ କରିବ। ସରକାରଙ୍କ ଯୋଜନା ଦ୍ୱାରା ମହିଳାମାନେ ଯେଭଳି ଉପକୃତ ହୋଇପାରିବେ ତାହା ଏହି ରଥ ବୁଲିବାର ଉଦ୍ଦେଶ୍ୟ। ନୋଡାଲ ସିଇଓ ଗୀତାଞ୍ଜଳି ସାମନ୍ତ ରାୟଙ୍କ ସମେତ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା, ସୋନାଲୀ ଗନ୍ତାୟତ ଓ ପାର୍ବତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ମେୟର ଓ ଅନ୍ୟମାନେ।

# ଶିଶୁଙ୍କ ପାଇଁ ନୂଆ ଟୟ ଟ୍ରେନ, ସଜେଇ ହେଉଛି ପାଇନ ବଣ

**ଟୟ ଟ୍ରେନର ପୁନରୁଦ୍ଧାର**



ଟୟ ଟ୍ରେନ୍ ସ୍ଥାପନ ପାଇଁ କାମ ଚାଲିଛି।

ଦାରିଙ୍ଗବାଡି, ୭।୯ (ଅରୁଣ ସାହୁ )

କନ୍ଧମାଳ ଜିଲା ଦାରିଙ୍ଗବାଡି ପର୍ଯ୍ୟଟନ କ୍ଷେତ୍ର ଏବେ ସଜେଇ ହେବାରେ ଲାଗିଛି। ଆସନ୍ତା ପୂଜା ଋତୁରେ ପର୍ଯ୍ୟଟକ ଦାରିଙ୍ଗବାଡ଼ିକୁ ଆସିବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅଞ୍ଚଳରେ ଥିବା ପର୍ଯ୍ୟଟନ କ୍ଷେତ୍ର ତଥା ଢୁଲୁରୀ ପାଇନବଣଠାରୁ ଆରମ୍ଭ କରି ହିଲଭିୟୁ ପାର୍କ, ଋଷିମାଳ ପାହାଡ଼ ଆଦି ଅଞ୍ଚଳରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଜୋରଦାର କରାଯାଇଛି। ହିଲଭିୟୁ ପାର୍କ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଥିବା ବେଳେ ସେହି ପାର୍କ ପରିସର ମଧ୍ୟରେ ୱାଚ୍ ଟାୱାର ରହିଛି। ଏବେ ଆଉ ଏକ ଉଚ୍ଚତମ ୱାଚ୍ ଟାୱାର ନିର୍ମାଣ ଚାଲିଛି। ସେହିପରି ଶିଶୁ ଉଦ୍ୟାନରେ ଟୟ ଟ୍ରେନ ଅଚଳ ହୋଇଯାଇଥିବାରୁ ଶିଶୁମାନଙ୍କ ମନୋରଞ୍ଜନ ପାଇଁ ବିଡ଼ିଓ ଗଦାଧର ପାତ୍ର ଏବଂ ବାଲିଗୁଡ଼ା ଉପଜିଲାପାଳ ଡ. ରୀନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏବେ ନୂତନ ଟୟ ଟ୍ରେନ ସ୍ଥାପନ କରାଯାଉଛି। ଏଥିପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚକରାଯାଇଛି। ସେହିପରି ଢୁଲୁରୀ ପାଇନବଣରେ ପର୍ଯ୍ୟଟକଙ୍କ ପାଇଁ ୫ଟି ବିଶ୍ରାମଗୃହ, ପିଣ୍ଡି, ସିମେଣ୍ଟ ବେଞ୍ଚ, ମିଶନଶକ୍ତି ଷ୍ଟଲ, ରାତ୍ରିଜଗୁଆଳି ଗୃହ, ଗୋଷ୍ଠୀ ଶୌଚାଳୟ, ସେଲଫି ଜୋନ, ଟିକେଟ କାଉଣ୍ଟର, କିଡ଼ସ ଜୋନ, ପାନୀୟଜଳ ବ୍ୟବସ୍ଥା, ମୁଖ୍ୟ ଫାଟକ, ତାର ବାଡ଼ ଆଦି କାର୍ଯ୍ୟ ଚାଲିଛି। ବିଡ଼ିଓ ପାତ୍ର ଏହାର ତଦାରଖ କରୁଛନ୍ତି । ସେହିପରି ଋଷିମାଳର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି। ଏହି ସବୁ କାର୍ଯ୍ୟ ପର୍ଯ୍ୟଟକଙ୍କ ଆଗମନ ପୂର୍ବରୁ ଶେଷ କରାଯିବାକୁ ପ୍ରୟାସ କରାଯାଉଛି। ଫଳରେ ପର୍ଯ୍ୟଟକମାନେ ସମସ୍ତ ପର୍ଯ୍ୟଟନକ୍ଷେତ୍ର ବୁଲି ମଜା ଉଠାଇପାରିବେ ବୋଲି ପାତ୍ର କହିଛନ୍ତି।

# ଗଞ୍ଜାମ, ଗଜପତି, କନ୍ଧମାଳରେ ବୁଲିଲା ସୁଭଦ୍ରା ରଥ

ଛତ୍ରପୁର/ଆସିକା/ଫୁଲବାଣୀ/ପାରଳାଖେମୁଣ୍ଡି,୭।୭ (ସନ୍ତୋଷ ପାଢ଼ୀ/ ଦିଲ୍ଲୀପ ସାମଲ/ସୁରେନ୍ଦ୍ର ନାଥ ସାହୁ/ରାକେଶ କୁମାର ରାଉତ/ ଗିରିଧାରୀ ପରିଚ୍ଛା/ ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ))

ରାଜ୍ୟରେ ସୁଭଦ୍ରା ଯୋଜନା ପାଇଁ ଆବେଦନ ଚାଲିଥିବା ବେଳେ ବିଭିନ୍ନ ସମସ୍ୟା ପରିଲକ୍ଷିତ ହୋଇଛି । ଏହାକୁ ଗୁରୁତ୍ୱ ଦେଇ ସରକାର ରାଜ୍ୟର ସମସ୍ତ ବ୍ଲକରେ ସୁଭଦ୍ରା ଯୋଜନା ସଚେତନତା ରଥ ପରିକ୍ରମା କରିବା ନେଇ ବନ୍ଦୋବସ୍ତ କରିଛନ୍ତି । ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମୁଖ୍ୟ ଅତିଥି ରୂପେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଏହି ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ଗଞ୍ଜାମ ଜିଲାରେ ୨୨ଟି ବ୍ଲକରେ ୧୧ଟି ଗାଡି ସୁଭଦ୍ରା ଯୋଜନା ସମ୍ପର୍କରେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରିବ ବୋଲି ମନ୍ତ୍ରୀ କହିଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ଛତ୍ରପୁର ବିଡ଼ିଓ ସୁଶାନ୍ତ ବରାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଆସିକା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଧାୟକ ସରୋଜ କୁମାର ପାଢୀ ଏହି ରଥକୁ ଦେଖାଇ ଶୁଭାରମ୍ଭ କରିଥିଲେ। ଆସିକା ବ୍ଲକର ୨୭ ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ଏହି ରଥ ପରିକ୍ରମା କରିବ। ବିଡ଼ିଓ ଫକିର ଚରଣ ପରିଡ଼ା, ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, କୋଦିନ୍ଦ୍ରା ଥାନା ଅଧିକାରୀ କୃଷ୍ଣ ସାହା, ଏନ୍‌ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ସିଡିପିଓ ଇନ୍ଦିରା ମହାପାତ୍ର ଉପସ୍ଥିତ ଥିଲେ।

ଫୁଲବାଣୀରେ ଏହି ସଚେତନତା ରଥକୁ ଜିଲାପାଳ ଅମୃତ ଋତୁରାଜ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାରେ ୧୬ ତାରିଖ ଯାଏ ବୁଲିବ। କାର୍ଯ୍ୟକ୍ରମରେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟାଲକ୍ଷ୍ମୀ ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୁଭଦ୍ରା ସଚେତନତା ରଥକୁ ଜିଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଗୁଣନିଧି ନାୟକ, ପାରଳା ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ରଥ ଜିଲାରେ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ସମସ୍ତ ପଞ୍ଚାୟତ, ବ୍ଲକ, ପୌରାଞ୍ଚଳରେ ହିତାଧିକାରୀଙ୍କୁ ସଚେତନ କରିବ।

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ସୁଭଦ୍ରା ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିପିଓ ଭବାନୀ ବେହେରା ସଂଯୋଜନା କରିଥିଲେ। ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର, ଧରାକୋଟ ବିଡ଼ିଓ ଡେନିସ ବେହେରା, ସାନଖେମୁଣ୍ଡି ବ୍ଲକ ଅଧକ୍ଷ ସିମାଞ୍ଚଳ ପାତ୍ର, ଉପାଧକ୍ଷା ରିଙ୍କି ନାୟକ, ଜିଲା ପରିଷଦ ସଦସ୍ୟ ଅମିନ ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


ବ୍ରହ୍ମପୁର ଅଶୋକ ନଗର


ପଞ୍ଚାମାସ୍ଥିତ ସିଦ୍ଧ ବିନାୟକ ପୀଠ।


ବ୍ରହ୍ମପୁର ନାଳନ୍ଦା ଶ୍ରୀ ମହାବିଦ୍ୟାଳୟ


ହିଲପାଟଣା ସିଦ୍ଧ ବିନାୟକ ପୀଠ


ନିମଖଣ୍ଡି ସାଇ ବିହାରଠାରେ ପୂଜିତ ଗଣେଶଙ୍କ ପ୍ରତିମା।


ଆସିକା


ଖଲିକୋଟ


ବାଲିଗୁଡ଼ା


ବୁଗୁଡ଼ା


କ.ନୂଆଗାଁ


ପାରଳାଖେମୁଣ୍ଡି


ପୋଲସରା


ଶେରଗଡ଼


ଭଞ୍ଜନଗର


ଛତ୍ରପୁର


ରାଇକିଆ


କୁକୁଡାଖଣ୍ଡି ବ୍ଲକ ଭଗବାନପୁର ଜଙ୍ଗଲରେ ଗଣେଶଙ୍କୁ ପୂଜା କରାଯାଉଛି।

# ସବୁଠି ବିଘ୍ନରାଜ ଗଜାନନଙ୍କ ଆରାଧନା

ବ୍ରହ୍ମପୁର,୭।୯(ସ୍ମୃତି ରଞ୍ଜନ ମହାଲିକ/ସୁବାସ ଚନ୍ଦ୍ର ପାଢ଼ୀ/ ସ୍ୱାଧୀନ ଶେଖର ପାଢ଼ୀ)

ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସାହି ସବୁଠି ଶନିବାର ବିଘ୍ନରାଜଙ୍କ ଆରାଧନା ଆରମ୍ଭ ହୋଇଛି। ହିଲପାଟଣାସ୍ଥିତ ସିଦ୍ଧ ବିନାୟକ ପୀଠରେ ଭୋରରୁ ମହାସ୍ନାନ, ମଙ୍ଗଳ ଆଳତୀ ଓ ଆଦି ଗଣେଶ ଯଜ୍ଞ ମଣ୍ଡପରେ ବିଜେ କରିଥିଲେ। ମଧ୍ୟାହ୍ନରେ ପୁଷ୍ପାଞ୍ଜଳି ଓ ସନ୍ଧ୍ୟାରେ ଆଳତୀ ହୋଇଥିଲା। ଦିନ ତମାମ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ କମିଟି ଓ ପୋଲିସ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସୁବିଧା କରାଯାଇଥିଲା। ମାଗଣା ପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି ଅଶୋକ ନଗର ୬ଷ୍ଠ ଲେନ ଯୁବକ ସଂଘ ପକ୍ଷରୁ ଯୁବ ସମାଜସେବୀ ଏ ସନ୍ତୋଷ ପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ହୋଇଥିଲା। ସାନକୁଶସ୍ଥଳୀଠାରେ ଗଣେଶ ପୂଜାରେ ବଦ୍ରିନାଥ ଧାମ ତୋରଣ ଆକର୍ଷଣ ପାଲଟିଛି। ସେହିପରି ନାଳନ୍ଦାଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଅନୁଷ୍ଠାନର କର୍ମଚାରୀ ଉପସ୍ଥିତ ରହି ଗଜାନନଙ୍କ ପୂଜାର୍ଚ୍ଚନା କରିଛନ୍ତି। କୁକୁଡାଖଣ୍ଡି ବ୍ଲକ ଭଗବାନପୁର ଜଙ୍ଗଲରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଞ୍ଚଳିକ ବିକାଶ ପରିଷଦ ଏକ ନିମ୍ବ ବୃକ୍ଷକୁ ଗଣେଶ ଭାବେ ସଜାଇ ପୂଜା କରିବା ନିଆରା ହୋଇଛି। ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କ କହିବା ଅନୁସାରେ ଆମ ପୂର୍ବଜ ପ୍ରକୃତିକୁ ପୂଜା କରୁଥିଲେ। ଏବେ ରସାୟନିକ ରଙ୍ଗ ବୋଳା ମୂର୍ତ୍ତି ବହୁଳ ଭାବେ ପୂଜା ହେଉଛି। ମୂର୍ତ୍ତି ବିସର୍ଜନ ଦ୍ୱାରା ଏହା ଦୂଷିତ ପରିବେଶ ସୃଷ୍ଟି କରୁଛି। ଏଭଳି ବୃକ୍ଷ ରୂପୀ ଗଣେଶ ପୂଜା ମାଧ୍ୟମରେ ଆମେ ପ୍ରକୃତିକୁ ବଞ୍ଚାଇବା ସହ ବୃକ୍ଷର ସୁରକ୍ଷା ଦେବାକୁ ପ୍ରେରଣା ଦେଉଛୁ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ପାଦକ ବିଜେନ୍ଦ୍ର ମାଝୀ, ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ରାକେଶ ବିଶୋଇ, ବନମାଳୀ ପ୍ରଧାନ,ଧର୍ମରାଜ ପାତ୍ର,ପୁରୁଷୋତ୍ତମ ସ୍ୱାଇଁ, ରଞ୍ଜନ ବେହେରା, ରବୀନ୍ଦ୍ର ସାହାଣୀ, ପି. ବିନୋଦ, ଜିତେନ୍ଦ୍ର ପଣ୍ଡା,ସରୋଜ ପାତ୍ର, ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସେହିପରି ମହାମାୟୀ ମହିଳା ମହାବିଦ୍ୟାଳୟରେ ଗଣେଶଙ୍କ ଆରାଧନା କରାଯାଇଛି। କଲେଜ ଅଧ୍ୟକ୍ଷା ଡ. ନିବେଦିତା ମହାପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, କଲେଜ ପରିଚାଳନା କମିଟି ସଭାପତି ଡ. ଅରୁନ୍ଧତି ରଥ ଉପସ୍ଥିତ ଥିଲେ। ଅଧ୍ୟାପିକା ଡ. ସୁଜାତା ତ୍ରିପାଠୀ, ସମିତା ସାହୁ, ଅଧ୍ୟାପକ ପ୍ରସନ୍ନ ପଟ୍ଟନାୟକ, ସନ୍ଧ୍ୟାରାଣୀ ବେହେରାଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ। ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଅନୁଷ୍ଠିତ ପୂଜାରେ ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ପୃଷ୍ଟି, ସଭାପତି ରାମ ପ୍ରସାଦ ପଟ୍ଟନାୟକ, ଉପସଭାପତି ସୁପ୍ରଭା ପାତ୍ର, ସଂପାଦକ ଅନ୍ତର୍ଯ୍ୟାମୀ ଗୌଡ, ଯୁଗ୍ମ ସଂପାଦକ ଜି ଶ୍ରୀନିବାସ ଆଚାରୀ, କୋଷାଧ୍ୟକ୍ଷ ତରୁଣ କୁମାର ପାଢି ଓ ସଦସ୍ୟା ସରିତା କୁମାରୀ ସାହୁ ପ୍ରମୁଖ ପୂଜା କାର୍ଯ୍ୟ କରିଥିଲେ। ଶିକ୍ଷା ବିକାଶ ସମିତି କୋଷାଧ୍ୟକ୍ଷ ସତ୍ୟ ନାରାୟଣ ପଟ୍ଟନାୟକଙ୍କ ଦ୍ୱାରା ସର୍ଜନିକା ଉନ୍ମୋଚିତ ହୋଇଥିଲା।

## ସିଦ୍ଧ ବିନାୟକ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ଗୋପାଳପୁର,୭।୯(ନବୀନ ରାଜ ଆଚାରୀ)

ଦକ୍ଷିଣ ଓଡିଶାର ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକର ପ୍ରସିଦ୍ଧ ପଞ୍ଚାମାସ୍ଥିତ ସିଦ୍ଧ ବିନାୟକ ପୀଠରେ ଗଣେଶ ଚତୁର୍ଥୀରେ ଶନିବାର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଭୋର ସମୟରେ ମନ୍ଦିର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ୪.୩୦ରୁ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ପ୍ରଶାସନ ଓ ନୂତନ ପରିଚାଳନା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଚଳିତ ବର୍ଷ ମାଗଣାରେ ଦର୍ଶନ ସହ ଲଡ୍ଡୁ ଓ ଖେଚୁଡ଼ି ଆଦି ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା। ଅପରାହ୍ନରେ ରାଜ୍ୟ ବାଣିଜ୍ୟ, ପରିବହନ ଓ ଖଣି ଇସ୍ପାତ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ଜେନା ସିଦ୍ଧ ବିନାୟକଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ଭିକ୍ଷା କରିଥିଲେ।

## ଚକ୍ଷୁଦାନ ପକ୍ଷ ପାଳନରେ ମିଳିଲା ଶରୀର ଦାନ ପ୍ରତିଶ୍ରୁତି

ବ୍ରହ୍ମପୁର, ୭।୯(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ ଓ ଅଖିଳ ଭାରତୀୟ ମାରୁୱାଡ଼ି ମହିଳା ସମ୍ମେଳନ ମିଳିତ ଭାବେ ରାମଲିଙ୍ଗେଶ୍ୱର ପାର୍କଠାରେ ଚକ୍ଷୁ ଦାନ ପକ୍ଷ ପାଳନ କରିଛନ୍ତି। ପାର୍କ ବାହାରେ ପ୍ରଚାର ପତ୍ର ବଣ୍ଟନ ଉଭୟ ସଂଗଠନ ମାଧ୍ୟମରେ କରାଯାଇଛି। ପାର୍କ ଭିତରେ ହରି ଓଁ ହସ ଓ ବ୍ୟାୟାମ କେନ୍ଦ୍ର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଛି। ତେବେ କାର୍ଯ୍ୟକ୍ରମ ପ୍ରାରମ୍ଭରେ କେନ୍ଦ୍ରର ଗୁରୁ ଜେ.ସୂର୍ଯ୍ୟନାରାୟଣ ମୃତ୍ୟୁପରେ ଶରୀର ଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଚକ୍ଷୁଦାନ ସମ୍ପର୍କରେ କ୍ଲବର ପୂର୍ବତନ ସଭାପତି ଜମ୍ମୁଲା ସୁରେଶ,ଭି.ଭେଙ୍କଟରତ୍ନମ ରାଜୁ ଓ ଅଖିଳ ଭାରତ ମାରୱାଡ଼ି ମହିଳା ସମ୍ମେଳନର ସୀମା ଚୌଧୁରୀ ଓ ଶଶୀ ମୋରେ ଚକ୍ଷୁଦାନର ବିଭିନ୍ନ ଦିଗ ବିଷୟରେ ବୁଝାଇଥିଲେ । ପୂର୍ବରୁ ଦେଶିବେହେରା ସାହିର ସ୍ୱର୍ଗତ ଟାଙ୍ଗୁଡୁ ବିଜୟଲକ୍ଷ୍ମୀଙ୍କ ଚକ୍ଷୁ ଦୁଇଟିକୁ ତାଙ୍କ ପରିବାର ପକ୍ଷରୁ ଦାନ କରାଯାଇଥିଲା। ଦେଶରୁ ଅନ୍ଧତ୍ୱ ଦୂରୀକରଣ ପାଇଁ ଏଭଳି କାର୍ଯ୍ୟକ୍ରମ ଦରକାର ବୋଲି କୁହାଯାଇଥିଲା। ମୃତ୍ୟୁ ପରେ ଚକ୍ଷୁଦାତାଙ୍କ ଦୁଇଆଖିକୁ ଓଦା ରଖିବା ପାଇଁ ଆଖିରେ ଓଦା ତୁଳା ବା କନା ରଖିବାକୁ ପଡିଥାଏ ଓ ପଙ୍ଖା ବନ୍ଦ କରିବାକୁ ହୋଇଥାଏ। ପରେ ଆଖି ସଂଗୃହୀତ ହୋଇଥାଏ ବୋଲି କୁହାଯାଇଥିଲା। ତାଲିମ ପ୍ରାପ୍ତ ଚକ୍ଷୁ ଡାକ୍ତର ଚକ୍ଷୁର ସ୍ୱଚ୍ଛପଟଳ କେବଳ ୧୫ ମିନିଟ ମଧ୍ୟରେ ସଂଗ୍ରହ କରିବାପରେ ତାହା ସୁରକ୍ଷିତ ଭାବେ ରଖାଯାଏ ଓ ୭ ଦିନ ମଧ୍ୟରେ ଅପେକ୍ଷାରତ କର୍ଣ୍ଣିଆ ଜନିତ ଦୃଷ୍ଟଶକ୍ତି ବାଧିତ ବ୍ୟକ୍ତିଙ୍କଠାରେ ପ୍ରତିରୋପଣ କରାଯାଇଥାଏ ବୋଲି କହିଥିଲେ। ଏଥିରେ ବହୁ ବ୍ୟକ୍ତି ସହଯୋଗ କରିଥିଲେ।

